## ଫାଶିମାଲରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ବୈଠକ

ଜମନକିରା,(ଡି.ଏନ.ଏ.): ଜମନକିରା ବ୍ଲକ୍ ଫାଶିମାଲ ଉନ୍ନତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଭରତ କୁମାର ଦାଶ (ପରିବାର କଲ୍ୟାଣ) ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଶରତ କୁମାର ଦେହୁରି, ବ୍ଲକ ପ୍ରୋଗ୍ରାମ ଅଧିକାରୀ ଜିତେନ୍ଦ୍ର କୁମାର ନନ୍ଦ, ହେଲ୍ଥ ସୁପରଭାଇଜର ତରୁଣ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଟିକାକରଣ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଅଣ ସଂକ୍ରାମକ ରୋଗ, ମାଲେରିଆ ଦୂରୀକରଣ, ଯକ୍ଷ୍ମା ଆଦି ବିଷୟରେ ଆଲୋଚନା ହୋଇଥିଲା। ବ୍ଲକ୍‌ର ମହିଳା ସ୍ୱାସ୍ଥ୍ୟ କର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆସିଡିଏସ୍ ସୁପରଭାଇଜର ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ହୀରାକୁଦ ଜଳଭଣ୍ଡାରରେ ଡଙ୍ଗାରୁ ପଡ଼ି ମତ୍ସ୍ୟଜୀବୀ ମୃତ

ଝାରସୁଗୁଡ଼ା ଅଫିସ,୯।୧୦: ବନହରପାଲି ଥାନା ଛଡାରମା ଗ୍ରାମ ନିକଟ ହୀରାକୁଦ ଜଳଭଣ୍ଡାରରେ ଶନିବାର ଏକ ଡଙ୍ଗାରୁ ଖସିପଡି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଙ୍ଗାଲି ଥାନା କଦମ୍ବଡିହି ଗ୍ରାମର ଜଗତ ତନସେନା (୫୦)। ପୋଲିସ ମୃତଦେହ ଜବତ କରିଛି। ମୃତକଙ୍କ ବଡଭାଇ ଭକ୍ତଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଅପମୃତ୍ୟୁ ମାମଲା(ନଂ୧୬/୨୧) ରୁଜୁ ହୋଇଛି। ଅଭିଯୋଗରୁ ଜଣାପଡିଛି ଜଗତ ତାଙ୍କ ଡଙ୍ଗା ମରାମତି ପାଇଁ ସିଂହେଇପାଲି ଗ୍ରାମରେ ଦେଇଥିଲେ। ମରାମତି ପରେ ଜଗତ ଓ କୁଲିଆବେର୍ଣ୍ଣା ଗ୍ରାମର ପଣ୍ଡୁ ହୀରାକୁଦ ଜଳଭଣ୍ଡାରରେ ଡଙ୍ଗାବାହି ଗାଁକୁ ଯାଉଥିବାବେଳେ ଛଡାରମା ଗ୍ରାମ ନିକଟରେ ଖୁବ୍‌ଜୋର୍‌ରେ ଲହଡି ଆସିଥିଲା। ଫଳରେ ଜଗତ ଭାରସାମ୍ୟ ହରାଇ ଡଙ୍ଗାରୁ ପାଣିକୁ ଖସିପଡିଥିଲେ। ପଣ୍ଡୁ ତାଙ୍କୁ ଉଦ୍ଧାରକରି କୂଳକୁ ଆଣିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

## ବାର୍‌ହା ଉପଦ୍ରବରେ ଧାନ ଫସଲ ନଷ୍ଟ

କୁଚିଣ୍ଡା,୯।୧୦(ଡି.ଏନ.ଏ.): ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୁଚିଣ୍ଡା ବନାଞ୍ଚଳ ଗୋଛରା ସେକ୍ସନରେ ଜଙ୍ଗଲି ବାର୍‌ହା ଉପଦ୍ରବ ଦେଖାଦେଇଛି। ରାତିରେ ଚଇତ୍ରା ପାହାଡରୁ ବାର୍‌ହା ପଲ ଆସି ରାମତିଲେଇମାଲ,ପାରୁଆଭାଡି, ପତ୍ରାପାଲି, ସଇଡା ଆଦି ଗ୍ରାମର ପାଚିଲା ଧାନ କ୍ଷେତରେ ପଶି ଫସଲ ଖାଇବା ସହ ଦଳି ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏହି ପଲରେ ୨୫ରୁ ୩୦ ବାର୍‌ହା ଥିବା ଜଣାପଡିଛି। ଦୈନିକ ବାର୍‌ହା ପଲ ଆସି ଫସଲ ନଷ୍ଟ କରୁଥିବାରୁ ଚାଷୀକୁଳ ଚିନ୍ତାରେ ଅଛନ୍ତି। ବାଧ ହୋଇ ସେମାନେ ରାତି ଅନିଦ୍ରା ହୋଇ ଧାନ ବିଲ ଜଗୁଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## କୁଚିଣ୍ଡାରେ ଗୋପବନ୍ଧୁ ଜୟନ୍ତୀ ପାଳିତ

କୁଚିଣ୍ଡା,୯।୧୦(ଡି.ଏନ.ଏ.): କୁଚିଣ୍ଡା ଆଦିବାସୀ ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଓ ଦଳିତ ଆନ୍ଦୋଳନର ଉତଥାପକ କାଂଶୀରାମଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ କରୁଣାକର କିଷାନ ମୁଖ୍ୟଅତିଥି, ଛାତ୍ରନେତା ଅସୀମ ପଟେଲ ମୁଖ୍ୟବକ୍ତା ଓ ଅଧାପିକା ମନିଷା ପଟେଲ, ଶିଳିକି ମାହକୁଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ଓ କାଂଶୀରାମଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ଉପସଭାପତି ରମେଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ଓ ବସନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟ୍‌ବଲରେ ଭାଗନେଲା ଝାରସୁଗୁଡ଼ା ଦଳ

ଝାରସୁଗୁଡ଼ା ଅଫିସ,୯।୧୦: ଭଦ୍ରକରେ ରାଜ୍ୟସ୍ତରୀୟ ୨ଦିନିଆ ରଗ୍‌ବୀ ଫୁଟବଲ୍ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଝାରସୁଗୁଡ଼ା ରଗ୍‌ବୀ ଫୁଟବଲ୍ ସିନିୟର ଟିମ୍ ଅଂଶଗ୍ରହଣ କରିଛି। ଦଳର ୧୨ଜଣ ଖେଳାଳିଙ୍କ ସମେତ କୋଚ୍ ସୁନିଲ କିଷାନ ଓ ଟିମ୍ ମ୍ୟାନେଜର ସନ୍ତୋଷ ଥାପା ଗସ୍ତ କରିଛନ୍ତି। ଝାରସୁଗୁଡ଼ା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ତରଫରୁ ସମସ୍ତ ଖେଳାଳିଙ୍କୁ ଜର୍ସି ବଣ୍ଟନ କରାଯାଇଛ। ଆସୋସିଏଶନ ସଭାପତି ତାପସରାୟ ଚୌଧୁରୀ ଓ ସାଧାରଣ ସମ୍ପାଦକ ପ୍ରେମସିଂହ ଥାପା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିବାଦ ସଭା

ସମ୍ବଲପୁର,୯।୧୦(ବ୍ୟୁରୋ): ଜମ୍ମୁକଶ୍ମୀରରେ ଦୁଇଜଣ ଶିକ୍ଷକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଏହି ଘଟଣାକୁ ସମ୍ବଲପୁର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ନଗର କମିଟି ପକ୍ଷରୁ ନିନ୍ଦା କରାଯାଇଛି। ଗୋଲବଜାର ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନ ବିରୋଧରେ ନାରାବାଜି ଦେବା ସହ ପାକିସ୍ତାନର ଜାତୀୟ ପତାକା ପୋଡି ବିକ୍ଷୋଭ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ପ୍ରବକ୍ତା ପ୍ରଦୀପ ବହିଦାର, ସଭାପତି ରାଜକୁମାର ବଡପଣ୍ଡା, ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, ସହ ସମ୍ପାଦକ ରାଜୀବ ଶତପଥୀ, ଶରତ ପ୍ରଧାନ, ଦାମୋଦର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ।

# ଅସନ୍ତୁଷ୍ଟ ଆଶାୟୀ କରିବେ ଆପତ୍ତି

### ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ତାଲିକା ପ୍ରକାଶ

- ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦରେ ଅସନ୍ତୋଷ
- ମହିଳାଙ୍କ ପାଇଁ ୫୦ ପ୍ରତିଶତରୁ ଅଧିକ

ସମ୍ବଲପୁର,୯।୧୦(ବ୍ୟୁରୋ)

ସମ୍ବଲପୁର ଜିଲାରେ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହା ଦେଖି ବିଭିନ୍ନ ରାଜନୈତିକ ଦଳର ନେତା ଓ ଆଶାୟୀ ଅସନ୍ତୁଷ୍ଟ ଥିବା ଦେଖିବାକୁ ମିଳିଛି। ସେମାନେ ଗ୍ରାମପଞ୍ଚାୟତ ଅଧିକାରୀଙ୍କ ପାଖରେ ଧାର୍ଯ୍ୟସମୟ ଭିତରେ ଆପତ୍ତି ଅଭିଯୋଗ କରିବେ ବୋଲି କହିଛନ୍ତି। ବିଶେଷ କରି ବ୍ଲକ ଅଧକ୍ଷ ଓ ଜିଲାପରିଷଦ ସଭ୍ୟ ପଦ ପାଇଁ ଅସନ୍ତୋଷ ଦେଖାଦେଇଛି। ଜିଲା ପରିଷଦ ପ୍ରାର୍ଥୀ ଦଳୀୟ ଚିହ୍ନରେ ନିର୍ବାଚନ ଲଢୁଥିବାରୁ ଦଳର ନେତାମାନେ ମଧ୍ୟ ଅସନ୍ତୋଷ ଜାହିର କରିଛନ୍ତି।

ପଞ୍ଚାୟତ ନିର୍ବାଚନର ପ୍ରଭାବ ସାଧାରଣ ନିର୍ବାଚନ ଉପରେ ପଡିଥାଏ। ବ୍ଲକ ଅଧକ୍ଷ ଓ ଜିଲା ପରିଷଦ ଯେଉଁ ଦଳ ବିଜୟୀ ହୋଇଥାଏ ତାକୁ ଜନ ସମର୍ଥନ ମିଳିବାରେ ସୁବିଧା ହୋଇଥାଏ। ଏହାକୁ ନେଇ ଜିଲାସ୍ତରୀୟ ନେତା ଓ ବିଧାୟକ ତଥା ଆଶାୟୀ ବିଧାୟକ ପ୍ରାର୍ଥୀ ଦ୍ୱନ୍ଦ୍ୱରେ ପଡିଛନ୍ତି। ବହୁଦିନରୁ ଦଳ ପାଇଁ କାମ କରୁଥିବା ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ମଇଦାନରେ ଓହ୍ଲାଇ ପାରିବେ ନାହିଁ। ଏହାଛଡା ଯଦି ସଂରକ୍ଷଣ ଭାବେ ନିର୍ବାଚନ ମଇଦାନରେ ଆସିବେ ତା'ହେଲେ ନୂତନ ପ୍ରାର୍ଥୀଙ୍କୁ ନିଜ ଦଳରେ ସାମିଲ କରିବାକୁ କଷ୍ଟକର ହେବ ବୋଲି ଆଲୋଚନା ହେଉଛି। ହେଲେ ମଧ୍ୟ ଆପତ୍ତି କରିବାକୁ ଶନିବାର ବିଧାୟକ ଓ ଆଶାୟୀ ବିଧାୟକ ପ୍ରାର୍ଥୀଙ୍କ ଘରେ ଭିଡ଼ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜିପିଓ ଗଜେନ୍ଦ୍ର ସାହୁ କହିଛନ୍ତି, ସରକାରୀ ନିୟମକୁ ଆଖି ଆଗରେ ରଖି ଟିକିନିଖି ଯାଞ୍ଚ କରି ତାଲିକା ପ୍ରସ୍ତୁତ ହୋଇଛି। ସବୁ ନିୟମାବଳୀ ପାଳନ କରାଯାଇଛି। ଆପତ୍ତି ଅଭିଯୋଗ ସହ ପରାମର୍ଶ ଦେବା ଅଧିକାର ରହିଛି। ଏଥିପାଇଁ ଅନ୍‌ଲାଇନରେ ଅଭିଯୋଗ କରିବା ସୁବିଧା ରହିଛି। ଅଭିଯୋଗ ପରେ ସରକାରଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ। ବ୍ଲକ ଅଧକ୍ଷ ପାଇଁ କୁଚିଣ୍ଡା ବ୍ଲକରେ ଅନୁସୂଚିତ ଜନଜାତି, ଜମନକିରାରେ ଅନୁସୂଚିତ ଜନଜାତି ମହିଳା, ନାକଟିଦେଉଳ ଅଣସଂରକ୍ଷିତ, ବାମରାରେ ଅନୁସୂଚିତ ଜନଜାତି ମହିଳା, ମାନେଶ୍ୱରରେ ଅନୁସୂଚିତ ଜାତି ମହିଳା, ଝୁଝୁମୁରାରେ ମହିଳା, ରେଢାଖୋଲରେ ଅଣସଂରକ୍ଷିତ, ରେଙ୍ଗାଲି ବ୍ଲକରେ ଅଣସଂରକ୍ଷିତ ରଖାଯାଇଛି। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଚଳିତ ନିର୍ବାଚନରେ ବ୍ଲକ ଅଧକ୍ଷ ପାଇଁ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇ ୬୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସେହିପରି ଜିଲା ପରିଷଦ ସଭ୍ୟ ପଦ ପାଇଁ ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ରଖାଯାଇଛି। ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ପାଇଁ ମଧ୍ୟ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି।

## ଲକ୍ଷାଧିକ ଟଙ୍କାର ନକଲି ମଦ ଜବତ, ୨ ଭାଇ ଗିରଫ

ଝାରସୁଗୁଡ଼ା ଅଫିସ,୯।୧୦


ଜବତ ନକଲି ବିଦେଶୀ ମଦ ବୋତଲ ସହ ଅନ୍ୟ ସାମଗ୍ରୀ।

### ସମ୍ବଲପୁର ଅବକାରୀ ବିଭାଗର ଚଢ଼ାଉ

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓ ବେଲପାହାଡ଼ ଅଞ୍ଚଳରେ ନକଲି ବିଦେଶୀ ମଦ ତିଆରି ଚାଲିଥିବା ନେଇ ଗୁଇନ୍ଦା ବିଭାଗ ସୂତ୍ରରୁ ଖବର ମିଳିଥିଲା। ସ୍ଥାନୀୟ ଅବକାରୀ ବିଭାଗକୁ ନ ଜଣାଇ ସମ୍ବଲପୁର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ରଜରାଜନଗର ତେଲେନପାଲି ଗଣେଶନଗରର ଏକ ଘର ଉପରେ ଶନିବାର ସକାଳେ ଚଢାଉ କରିଥିଲା। ଏଥିରେ ସମ୍ପୃକ୍ତ ୨ ଭାଇଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶିବ କୁମାର ସନହରା ଓ ସରୋଜ କୁମାର ସନହରା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ଟିମ୍ ବିଭିନ୍ନ ପ୍ରକାରର ଶତାଧିକ ବିଦେଶୀ ମଦ ବୋତଲ ଜବତ କରିଛି। ଏହା ସହିତ ଖାଲି ବୋତଲ, ଠିପି, ନକଲି ଲେବୁଲ୍ ଆଦି ଜବତ ହୋଇଛି। ଜବତ ସାମଗ୍ରୀର ମୂଲ୍ୟ ଦେଢଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି। ନକଲି ଲେବୁଲ୍‌ରେ ଅରୁଣାଚଳ ପ୍ରଦେଶ ଲେଖା ରହିଥିବା ଦେଖିବାକୁ ମିଳିଛି। ଏହି ମଦକୁ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ ଓ ଢାବାକୁ ଚାଲାଣ କରାଯାଉଛି ବୋଲି ଗିରଫ ଅଭିଯୁକ୍ତ ପ୍ରକାଶ କରିଛନ୍ତି। ଏହି ର୍‍ୟାକେଟ୍‌ର ଚେର ରାଜ୍ୟ ବାହାରକୁ ଲମ୍ବିଥିବା ଅବକାରୀ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏଥିରେ ରାଉରକେଲା ଜଲଦା ଅଞ୍ଚଳର ଜଣେ ମୁଖ୍ୟ ଅଭିଯୁକ୍ତ ରହିଛନ୍ତି। ଏମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଏହି ସ୍କ୍ୱାଡ୍‌ରେ ସମ୍ବଲପୁର ଅବକାରୀ ଇନ୍ସପେକ୍ଟର ଶ୍ରୁତିକାନ୍ତ ରାଉତ, ଏସ୍‌ଆଇ କେ.ସି. ମଲ୍ଲିକଙ୍କ ସମେତ ୧୦ଜଣ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ

ଜମନକିରା,୯।୧୦(ଡି.ଏନ.ଏ.)

ଜମନକିରା ବ୍ଲକ୍ କୁଚିଣ୍ଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜମନକିରା ବନ୍ୟପ୍ରାଣୀ ବନାଞ୍ଚଳ ମିଳିତ ଆନୁକୂଲ୍ୟରେ ମିଶନ ଜୀବିକା ଯୋଜନାରେ କଟଙ୍ଗପାଣି ବଡ଼କଛାର ଗ୍ରାମର ଆଦିବାସୀ ଚାଷୀଙ୍କୁ ନେଇ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼କଛାର ଗ୍ରାମର ଆଦିବାସୀ ଚାଷୀ, ବନ ସୁରକ୍ଷା ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ବୈଠକ କରାଯାଇଥିଲା। ବୈଠକରେ ମୁଖ୍ୟତଃ ଚାଷର ବିଭିନ୍ନ ଦିଗ, ମାଛ ଚାଷ ପ୍ରଣାଳୀ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏଥିରେ ଆଦିବାସୀ ଶ୍ରେଣୀର ମୋଟ ୨୪ ଚାଷୀଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ। ପରେ ଅତିଥିମାନେ ଆଦିବାସୀ ଚାଷୀଙ୍କ ଦ୍ୱାରା ଚାଷ କରାଯାଇଥିବା କ୍ଷେତ ପରିଦର୍ଶନ କରିଥିଲେ। ଏଥିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରକଳ୍ପ ପରିଚାଳକ ସ୍ନେହପ୍ରଭା ସାହୁ, ମିଶନ ଜୀବିକା ଅଧିକାରୀ ରାଜେନ୍ଦ୍ର ପାଢ଼ୀ, ଉଦ୍ୟୋଗ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, କୃଷି ଅଧିକାରୀ ନୃସିଂହ ଚରଣ ଗଡ଼ନାୟକ, ଉନ୍ନୟନ ଅଧିକାରୀ ଜିତ ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## କଳା ସଂସ୍କୃତି ସମାଜର ଏକ ଅଙ୍ଗ

ଝାରସୁଗୁଡ଼ା ଅଫିସ,୯।୧୦

ଝାରସୁଗୁଡା ଇବ୍‌ଥର୍ମାଲ ପରିସରରେ ଥିବା ଇବ୍ କ୍ଲବ୍ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ୍ କର୍ମକର୍ତ୍ତା ଗୌନ୍ତିଆ ରାଜ କୁମାର ବେହେରାଙ୍କୁ ବରଣକରି ଢୋଲ ନିଶାଣ ବଜାଇ ଏକ ଶୋଭାଯାତ୍ରାରେ ଶିବ ମନ୍ଦିରରେ ପହଞ୍ଚିଥିଲେ। ସେଠାରୁ ମା' ସମଲେଇଙ୍କ ପ୍ରତିମୂର୍ତ୍ତି ଆଣି କ୍ଲବ୍ ପରିସରରେ ସ୍ଥାପନକରି ପୂଜାର୍ଚ୍ଚନା କରିଥିଲେ। ପରେ କ୍ଲବ୍ ସମ୍ପାଦକ ସେନାପତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓପିଜିସି ପ୍ରକଳ୍ପ ନିର୍ଦ୍ଦେଶକ (ଅପରେଶନ) ମାନସ ରଞ୍ଜନ ରାଉତ ମୁଖ୍ୟଅତିଥି, ଅଧ୍ୟାପିକା ସଞ୍ଜୁକ୍ତା ହୋତା ମୁଖ୍ୟବକ୍ତା ଓ ତାରକେଶ୍ୱରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ରାଉତ ନୂଆଁଖାଇ ପର୍ବ ପଶ୍ଚିମ ଓଡ଼ିଶାରେ ସୀମିତ ନ ରହି ଦେଶ ବିଦେଶରେ ପାଳିତ ହେଉଥିବା କହିଥିଲେ। ମୁଖ୍ୟବକ୍ତା ହୋତା ତାଙ୍କ ବକ୍ତବ୍ୟରେ କହିଥିଲେ ଓଡ଼ିଶାର କଳା ସଂସ୍କୃତି ମଧ୍ୟରେ ପଶ୍ଚିମ ଓଡିଶାର ନୂଆଁଖାଇ ରହିଛି। କଳା ସଂସ୍କୃତି ସମାଜର ଏକ ଅଙ୍ଗ ହୋଇଥିବାବେଳେ ଏହାକୁ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ୨ଜଣ ବୟୋଜ୍ୟେଷ୍ଠ ଚକ୍ରଧର ପରିଡା ଓ ବିଶି କେଶନ ପଣ୍ଡାଙ୍କୁ ଅତିଥିମାନେ ଉପଢୌକନ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। କ୍ଲବ୍‌ର ସାଂସ୍କୃତିକ ସମ୍ପାଦକ ମର୍କଧ୍ୱଜ ସା, ସହସମ୍ପାଦକ ମହେଶ୍ୱର ପୃଷ୍ଟି, ସ୍ପୋର୍ଟସ୍ ସମ୍ପାଦକ ଦିଲୀପ ପ୍ରଧାନ, କୋଷାଧ୍ୟକ୍ଷଞ୍ ଲକ୍ଷ୍ମଣ ପ୍ରଧାନ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥିବୃନ୍ଦ।

## ସଂସ୍କୃତି ରକ୍ଷାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ନୂଆଁଖାଇ ଭେଟଘାଟରେ କାଳାକାରଙ୍କ ନୃତ୍ୟ ପରିବେଷଣ।

ସମ୍ବଲପୁର,୯।୧୦(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ ରଙ୍ଗଫରୁଆ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଶୁକ୍ରବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡା. ବିନୋଦ ବିହାରୀ ନାୟକ ଏଥିରେ ଅଧକ୍ଷତା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତି ଓ ପରମ୍ପରା ସୁରକ୍ଷା ସହ ପ୍ରଚାର ପ୍ରସାର ଦିଗରେ ଯୁବପିଢିଙ୍କ ଗରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଅଭିନେତ୍ରୀ ଶୁଶୀଳା ନାୟର, ସୁଶାନ୍ତ ପଟେଲ, ଡୁଳାରାମ କଲେତ, ସୁଲେମାନ ଦିୱାନା, ଭାରତୀୟ ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା ଅଙ୍କିତ ବର୍ମା ଓ କ୍ୟାପଟେନ ପାୟଲ ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଙ୍ଗ ଫରୁଆ ସମ୍ପାଦକ ଦୁର୍ଗା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ସମ୍ବଲପୁରୀ ଲୋକନୃତ୍ୟ, ଗୀତ ଓ ବାଦ୍ୟ ପରିବେଷିତ ହୋଇଥିଲା।

## ଏନ୍‌ସିସି ଡିଡିଜିଙ୍କ ସମ୍ବଲପୁର ଗସ୍ତ: ଫାୟାରିଂ ରେଞ୍ଜ ପରିଦର୍ଶନ

ସମ୍ବଲପୁର,୯।୧୦(ବ୍ୟୁରୋ)

ଏନ୍‌ସିସି ଡେପୁଟି ଡାଇରେକ୍ଟର ଜେନେରାଲ (ଡିଡିଜି) ସୋମେନ ବାନାର୍ଜି ଶନିବାର ଦିନିକିଆ ଗସ୍ତରେ ସମ୍ବଲପୁର ଆସି ସେଣ୍ଟ ଜୋନ ସ୍କୁଲଠାରେ ନିର୍ମାଣାଧୀନ ଫାୟାରିଂ ରେଞ୍ଜ ପରିଦର୍ଶନ କରିଥିଲେ। ପରେ ସେ ଏନ୍‌ସିସି ବିଭାଗର ଆନୁଷଙ୍ଗିକ ବ୍ୟବସ୍ଥା ଦେଖିଥିଲେ। ସ୍କୁଲ ଅଧକ୍ଷ ଫାଦର ଅନୀଲ କୁଜୁରଙ୍କ ପୌରୋହିତ୍ୟ ଓ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ସଭା ହୋଇଥିଲା। ଏନ୍‌ସିସିରେ କୃତିତ୍ୱ ହାସଲ କରିଥିବା କ୍ୟାଡେଟ୍‌ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଡିଡିଜି ସୋମେନଙ୍କ ସମେତ ଓଡ଼ିଶା ପଞ୍ଚମ ଗ୍ରୁପ କମାଣ୍ଡର ଏଏସ୍‌ଏନ୍ ରାଓ, କର୍ଣ୍ଣେଲ ସି.ସି. ନାଗ ଯୋଗଦେଇ ଏନ୍‌ସିସି କ୍ୟାଡେଟ୍‌ଙ୍କ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ।


ସେଣ୍ଟ ଜୋନ ସ୍କୁଲରେ ଏନ୍‌ସିସି ଡିଡିଜି ସୋମେନ ବାନାର୍ଜି ଓ ଅନ୍ୟ ଅତିଥିମାନେ।

## ବିଜେଡିର ଡିଜିଟାଲ କର୍ମଶାଳା



ଡିଜିଟାଲ କର୍ମଶାଳାରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା।

ସମ୍ବଲପୁର,୯।୧୦(ବ୍ୟୁରୋ)

### ତାଲିମ ନେଲେ ଯୁବବର୍ଗ

ରାଜ୍ୟ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣ ଜାଣିପାରୁ ନାହାନ୍ତି। ବିଭିନ୍ନ ସ୍ଥାନରେ ଭୁଲତଥ୍ୟ ଦେଇ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପଡିବ। ସମାଲୋଚନା କରାଯାଉଥିବା ଖବରକୁ ରୋକାଯାଇ ସତ୍ୟାସତ୍ୟ ଜଣାଇବାକୁ ହେବ। ଶନିବାର ସମ୍ବଲପୁର ପାନ୍ଥ ନିବାସ ପରିସରରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଡିଜିଟାଲ କର୍ମଶାଳାରେ ଏହି ପ୍ରସଙ୍ଗକୁ ନେଇ ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଜିଲା ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ସଞ୍ଜୟ ବାବୁ, ସତିଶ ବିଶି, ସଞ୍ଜିତ ମହାନ୍ତି, ଡ. ସିଦ୍ଧାନ୍ତ ମହାନ୍ତି, ହୀରାଲାଲ ବେହେରା, ମନୋଜ ମହାପାତ୍ର, ଧର୍ମରାଜ ମରାଇ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଡିଜିଟାଲ ସଂଯୋଜକ ସୁବ୍ରତ ଛଟେଇ ଓ ପାଲଟା ସିଂ ତାଲିମ ପ୍ରଦାନ କରିଥିଲେ। ଜିଲା ଡିଜିଟାଲ ବିଭାଗ ସଂଯୋଜକ ଚିତ୍ତରଞ୍ଜନ ରାଉଳ, ଲକ୍ଷ୍ମୀପ୍ରସାଦ ରାଉଳ ସଂଯୋଜନା କରିଥିଲେ। ଏଥିରେ ସମ୍ବଲପୁର ମହାନଗର ନିଗମ ଓ ଜିଲାର ସମସ୍ତ ବ୍ଲକ ପ୍ରତିନିଧି ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଆଗାମୀ ଦିନରେ ବ୍ଲକ ସ୍ତରରେ ଏଭଳି କର୍ମଶାଳା ଅନୁଷ୍ଠିତ ହୋଇ ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରାଯିବ। ମୁଖ୍ୟତଃ ଗ୍ରାମାଞ୍ଚଳକୁ ଫୋକସ୍ କରାଯିବ। ଆଗାମୀ ପଞ୍ଚାୟତ ନିର୍ବାଚନ ଓ ସାଧାରଣ ନିର୍ବାଚନରେ ଏହାକୁ ବହୁଳ ଭାବେ ବ୍ୟବହାର କରାଯିବାର ଯୋଜନା ରହିଛି ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

## ଅପମିଶ୍ରିତ ଡିଜେଲ ସହ ଟ୍ୟାଙ୍କର ଜବତ, ୨ ଗିରଫ

ରାଉରକେଲା ଅଫିସ,୯।୧୦

ଆର୍‌ଏସ୍‌ପିକୁ ଡିଜେଲ ନେଇ ଆସିଥିବା ଏକ ଟ୍ୟାଙ୍କରରୁ ପାଣିମିଶା ଡିଜେଲ ବାହାରିବା ଘଟଣାରେ ଟାଙ୍ଗରପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପି. ସୂର୍ଯ୍ୟନାରାୟଣ(୪୨) ଓ ମାଧବ ରାଓ(୪୦)। ଏ ନେଇ ଟାଙ୍ଗରପାଲି ପୋଲିସ ଏକ ମାମଲା (ନଂ.୧୪୩/୨୧) ରୁଜୁ କରି ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ବିଶାଖାପଟଣାରୁ ରାଉରକେଲା ଇସ୍ପାତ କାରଖାନାକୁ ଏକ ଡିଜେଲ ଟ୍ୟାଙ୍କର (ନଂ.ଏପି୦୭ଏ/୧୭୭୯) ଆସିଥିଲା। ଏହି ସମୟରେ କାରଖାନା ଗେଟ୍‌ରେ ଥିବା ସିଆଇଏସଏଫ ଯବାନମାନେ ଗାଡି ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଡିଜେଲ ଟ୍ୟାଙ୍କରରେ ପାଣି ମିଶା ଯାଇଥିବା ଜଣାପଡିଥିଲା। ଗାଡ଼ି ଡ୍ରାଇଭର ପି. ସୂର୍ଯ୍ୟନାରାୟଣ ଓ ହେଲପର ମାଧବ ଗାଡ଼ିରୁ ଡେଇଁ ଫେରାର ହେଉଥିବା ବେଳେ ସିଆଇଏସ୍‌ଏଫ୍ ଯବାନ ଦୁଇଜଣଙ୍କୁ କାବୁ କରି ନେଇ ଟାଙ୍ଗରପାଲି ପୋଲିସ ଜିମା ଦେଇଥିଲେ।

## ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା

ସମ୍ବଲପୁର,୯।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ଶନିବାର ଜିଲା ଶିକ୍ଷା ଅଧିକାରୀ ଅଫିସ ସମ୍ମୁଖରେ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଧାରଣା ଦେଇଥିଲେ। ସେମାନେ ଦର୍ଶାଇଥିଲେ ଏହି ହାଇସ୍କୁଲର ନବମରେ ୩୫ ଓ ଦଶମ ଶ୍ରେଣୀରେ ୨୭ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂସ୍କୃତ ବିଷୟ ପଢୁଛନ୍ତି। ହେଲେ ଶିକ୍ଷକ ନ ଥିବାରୁ ପାଠ ପଢାରେ ସମସ୍ୟା ହେଉଛି। ପୂର୍ବରୁ ଅସ୍ଥାୟୀ ଭାବେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲେ ହେଁ କୌଣସି କାରଣରୁ ସେ ଆସୁନାହାନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ରାମ ପ୍ରସାଦ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବୋଲେରୋ ଧକ୍କାରେ ସ୍କୁଟି ଚାଳକ ମୃତ

ଝାରସୁଗୁଡ଼ା ଅଫିସ,୯।୧୦

ଝାରସୁଗୁଡ଼ା ସଦର ଥାନା ୪୯ନଂ ଜାତୀୟ ରାଜପଥ ବୁଢିପଦର ନିକଟରେ ଶନିବାର ଏକ ବୋଲେରୋ ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରଜରାଜନଗର ଇଟାଭଟାର ଅଭିଷେକ ଚୌହାନ (୨୦)। ସ୍କୁଟିରେ ଥିବା ଅନ୍ୟ ୨ଜଣ ଯୁବକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଓଡି୨୩-୬୬୫୦ନଂ ବୋଲେରୋ ଓ ଓଡି୨୩ଏମ୍-୦୬୨୪ନଂ ସ୍କୁଟି ଜବତ କରିଛି। ବୋଲେରୋ ଝାରସୁଗୁଡାରୁ ଗାନ୍ଧୀଛକ ଯାଉଥିବା ବେଳେ ବିପରୀତ ଦିଗରୁ ସ୍କୁଟି ଆସୁଥିଲା।

## ଆଇଆଇଏମ୍ ନିର୍ଦ୍ଦେଶକ ସମ୍ମାନିତ

ସମ୍ବଲପୁର,୯।୧୦(ବ୍ୟୁରୋ)

ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ଏକତାମଞ୍ଚ ଆବାହକ ଭବାନୀଶଙ୍କର ଭୋଇ, ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ଏକତା ମଞ୍ଚ ପକ୍ଷରୁ କୁହାଯାଇଛି, ଆଇଆଇଏମ ନିର୍ଦ୍ଦେଶକ ଶିକ୍ଷାନୁଷ୍ଠାନରେ ନିଜକୁ ସୀମିତ ନ ରଖି ପଶ୍ଚିମାଞ୍ଚଳ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ପ୍ରତୀକ ସମ୍ବଲପୁରୀକୁ ଭଲ ପାଆନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ସେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା, ସମ୍ବଲପୁରୀ କଳା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଭଳି କାର୍ଯ୍ୟ କରନ୍ତି। ତେଣୁ ପ୍ରସାରକ ଭାବେ ତାଙ୍କୁ ସମ୍ମାନିତ କରାଯାଇଛି।

## ନଦୀରେ ବୁଡ଼ି ଜଣେ ମୃତ

ଟିଟିଲାଗଡ଼,(ଡି.ଏନ.ଏ.): ଉନ୍ଦେର ନଦୀରେ ବୁଡି ବଲାଙ୍ଗୀର ଜିଲା ଟିଟିଲାଗଡ଼ର ବନମାଳୀ ବେହେରା (୫୦)ଙ୍କ ମୃତ୍ୟୁ ଘଟିଛି । ସେ ନଦୀକୁ ନିଜ ବଳଦକୁ ଗାଧୋଇବାକୁ ନେଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲେ । ଶନିବାର ସକାଳେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖାଯାଇଥିଲା। ଟିଟିଲାଗଡ଼ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆତ୍ମବିଶ୍ୱାସର ସହ କାର୍ଯ୍ୟକଲେ ସଫଳ ହେବେ

ବଲାଙ୍ଗୀର ଅଫିସ, ୯।୧୦



ହାଇକୋର୍ଟ ମୁଖ୍ୟ ବିଚାରପତି ଡ ଏସ୍. ମୁରଲୀଧର ବଲାଙ୍ଗୀର ଜିଲା ବାର୍ ହଲ ସଭାରେ ମଞ୍ଚାସୀନ ଅଛନ୍ତି।

■ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ସ୍ଥାପନ ଦାବି ଉପସ୍ଥାପିତ
■ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବାର୍ ହଲରେ ସମ୍ବର୍ଦ୍ଧନା
■ବଲାଙ୍ଗୀର ଜିଲାର ଓକିଲଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କଲେ

ଯୁବ ଆଇନଜୀବୀମାନେ ଉତ୍ସାହ ଓ ଆତ୍ମବିଶ୍ୱାସର ସହ କାର୍ଯ୍ୟକଲେ ନିଜ ବୃତ୍ତିରେ ସଫଳ ହୋଇପାରିବେ। ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଶନିବାର ଜିଲା ବାର୍‌ହଲ୍‌ଠାରେ ସମ୍ବର୍ଦ୍ଧିତ ହେବା ଅବସରରେ ଏହା କହିଛନ୍ତି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ଏସ୍. ମୁରଲୀଧର। ମୁଖ୍ୟବିଚାରପତି ଡ. ମୁରଲୀଧର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଜିଲା ଓକିଲଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ଆଗକୁ ନୂଆ ବୈଷୟିକ ଶୈଳୀରେ କାର୍ଯ୍ୟ କରିବାକୁ କହିଥିଲେ। ଅତୀତରେ ବଲାଙ୍ଗୀର ମାଟି ରାଜ୍ୟର ଶ୍ରେଷ୍ଠ ଆଇନଜୀବୀ ଓ ଶ୍ରେଷ୍ଠ ବିଚାରପତିମାନଙ୍କୁ ସୃଷ୍ଟି କରିଛି ବୋଲି କହିଥିଲେ।

ଜିଲା ଓକିଲ ସଂଘ ସଭାପତି ପ୍ରବୀଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ ସଂଯୋଜନା କରିଥିଲେ। ଆଇନଜୀବୀ ପ୍ରମୋଦ କୁମାର ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ରଖି ମୁଖ୍ୟ ବିଚାରପତିଙ୍କ ସମ୍ମୁଖରେ ଜିଲା ଓକିଲ ସଂଘର ବିଭିନ୍ନ ଦାବି ଓ ଓକିଲମାନେ ବୃତ୍ତିଗତ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଏକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ । ଓଡ଼ିଶା ସହ ଗଡଜାତ ମିଶ୍ରଣ ପୂର୍ବରୁ ବଲାଙ୍ଗୀରରେ ଏକ ହାଇକୋର୍ଟ ରହିଥିଲା। ଓଡିଶା ସହ ଗଡଜାତ ମିଶ୍ରଣ ପରେ ଓଡିଶା ହାଇକୋର୍ଟ ସହ ବଲାଙ୍ଗୀର ହାଇକୋର୍ଟର ମଧ ମିଶ୍ରଣ ହୋଇଥିଲା। ଆଜିବି ବଲାଙ୍ଗୀର ଜିଲା ଦୌରାଜଜ୍ ଓଡିଶା ହାଇକୋର୍ଟର ଏକ୍ସଅଫିସିଓ ରେଜିଷ୍ଟ୍ରାରଭାବେ କାମ କରୁଛନ୍ତି। ଏଣୁ ଯଶବନ୍ତ ସିଂ କମିଶନ ସୁପାରିଶ ଆଧାରରେ ମଧ ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ବୋଲି ସେ ଉଲ୍ଲେଖ କରିଥିଲେ।

ସଭା ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାର୍ ସଭାପତି ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟର ଅନ୍ୟ ଅଞ୍ଚଳର ଓକିଲମାନେ ମଧ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଦାବି କରୁଛନ୍ତି। ମାତ୍ର ବଲାଙ୍ଗୀର ଜିଲା ଓକିଲ ସଂଘର ଦାବି ସମ୍ପୂର୍ଣ୍ଣ ଭିନ୍ନ। ଆମେ ଏଠାରେ ହାଇକୋର୍ଟ ପୁନଃସ୍ଥାପନ ଦାବି କରୁଛୁ ବୋଲି କହିଥିଲେ। ସଭାରେ ଜିଲା ଦୌରାଜଜ୍ ଲୋକନାଥ ମହାପାତ୍ର, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ ମଞ୍ଚାସୀନ ଥିଲେ। ଶେଷରେ ଓକିଲ ସଂଘର ସମ୍ପାଦକ ଅମନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ହ୍ୟାଣ୍ଡ୍‌ସ ଅନ୍ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଓଡ଼ିଶା ହାଇକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ୍ ଡ ଏସ୍.ମୁରଲୀଧର ଶନିବାର ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ହ୍ୟାଣ୍ଡସ୍ ଅନ୍ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ପ୍ରକୋଷ୍ଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଭଳି ଭାବେ ଓକିଲମାନେ ସିଭିଲ କୋର୍ଟ, ହାଇକୋର୍ଟ କେଶ୍‌ଗୁଡିକର ଇ-ଫାଇଲିଂ, ଇ-ପେମେଣ୍ଟ, ଇ-ପେମେଣ୍ଟରେ ଫାଇନ୍ ଆଦାୟ ଓ ଫି ଦାଖଲ କରିପାରିବେ କହିଥିଲେ। ମୋବାଇଲ ଆପ୍, କମ୍ପ୍ୟୁଟର, ଇଣ୍ଟରନେଟ୍ ଜରିଆରେ ଏହି ସୁବିଧା ହାସଲ କରି ଲୋକଙ୍କୁ କିଭଳି ଆଇନ ସେବା ଯୋଗାଇବେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତିଙ୍କ ସହ ଜିଲା ଦୌରାଜଜ୍ ଲୋକନାଥ ମହାପାତ୍ର, ରେଜିଷ୍ଟ୍ରାର ଇନ୍ସପେକ୍ସନ ପ୍ରଭାକର ଗାଣ୍ଡିଆ, ରେଜିଷ୍ଟ୍ରାର ଅମିତ କୁମାର ବାରିକ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ୪୦ ଜଣ ଓକିଲଙ୍କୁ ତାଲିମ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ଓକିଲମାନଙ୍କୁ ମଧ ଏହି ତାଲିମ ପ୍ରଦାନ କରାଯିବ। ଓଡ଼ିଶା ହାଇକୋର୍ଟ ଆପ୍‌ର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଜାଲରେ ଫସି ଅଜଗର ମୃତ

କୋକସରା,୯।୧୦(ଡି.ଏନ.ଏ.): କୋକସରା ବ୍ଲକ ସିଉନୀ ଗ୍ରାମରେ ଜାଲରେ ଫସି ଏକ ୧୦ ଫୁଟ ଲମ୍ବର ଅଜଗର ସାପର ମୃତ୍ୟୁ ଘଟିଛି । ଏହି ଗ୍ରାମର ଚାଷୀ ଈଶ୍ୱର ରାଉତ ନିଜ ଚାଷ ଜମି ନିକଟରେ ମାଛ ଧରିବା ପାଇଁ ଏକ ଜାଲ (ମଶାରୀ) ଦେଇଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ମାଛ ଖାଇବାକୁ ଆସି ଏକ ଅଜଗର ସାପ ଜାଲରେ ପଡି ଯାଇଥିଲା। ଶନିବାର ସକାଳୁ ଚାଷୀ ଈଶ୍ୱର ଜାଲରେ ପଡିଥିବା ମାଛ ଆଣିବାକୁ ଯାଇଥିବା ବେଳେ ଏକ ଅଜଗର ସାପ ଫସି ରହିଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଚାଷୀଙ୍କୁ ଡାକି ଜାଲରୁ ସାପକୁ ଉଦ୍ଧାର କରିଥିଲେ। ହେଲେ ସାପଟି ମରି ଯାଇଥିଲା। ପରେ ମଲା ସାପକୁ ଗାତ ଖୋଳି ପୋତି ଦିଆଯାଇଥିବା ଜଣାପଡିଛି।

### ପେନ୍‌ସନଗ୍ରାହୀ ସଂଘ ପକ୍ଷରୁ ଶୋକସଭା

କୋକସରା,୯।୧୦(ଡି.ଏନ.ଏ.): କୋକସରା ବ୍ଲକ ପେନସନ ଗ୍ରାହୀ ସଂଘ ପକ୍ଷରୁ ସଂଘର ବରିଷ୍ଠ କର୍ମକର୍ତ୍ତା ଭଜ ବେମାଲଙ୍କ ବିୟୋଗରେ ଶନିବାର ଶିଶୁ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଗତ ବୁଧବାର ଭୋର ସମୟରେ ଭୁବନେଶ୍ୱରସ୍ଥ ଏମସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସଂଘ ସଭାପତି ମିନିକେତନ ପ୍ରଧାନୀଙ୍କ ସଭାପତିତ୍ୱରେ ଶୋକସଭା ହୋଇଥିଲା । ସଂଘ ସଦସ୍ୟ ରମେଶ ଚନ୍ଦ୍ର ପ୍ରଧାନୀ, କେଶବ ଚନ୍ଦ୍ର ନାଏକ, ଜଗବନ୍ଧୁ ମାଝୀ, ବିଶ୍ୱମ୍ଭର ନାଏକ, ମୁକ୍ତେଶ୍ୱର ପଟ୍ଟନାୟକ, ଗୋକୁଳ ଚନ୍ଦ୍ର ଖମାରି, କୁରୁକ୍ଷେତ୍ର ବେହେରା, ଗୁଣନିଧି ବାଗ, ଗରୁଡ଼ ଧ୍ୱଜ ମାଝୀ ପ୍ରମୁଖ ସ୍ୱର୍ଗତ ବେମାଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଦେଇ ସ୍ମୃତିଚାରଣ କରିଥିଲେ।

### ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ

ନର୍ଲା,୯।୧୦(ଡି.ଏନ୍.ଏ.): କଳାହାଣ୍ଡି ଜିଲା ନର୍ଲା ରେଞ୍ଜ ଅନ୍ତର୍ଗତ ମୋହିନାଲ ଗାଁରେ ବନବିଭାଗ ପକ୍ଷରୁ ଚାଲିଥିବା ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ସମ୍ମାନିତ ଅତିଥି ଫରେଷ୍ଟର ନବୀନ ମାଝି, ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦେଇ ବନ୍ୟଜନ୍ତୁଙ୍କ ସୁରକ୍ଷା , ସେମାନଙ୍କ ଦ୍ୱାରା ଉପକାରିତା, ଜଙ୍ଗଲ ନଷ୍ଟ ହେବା ଯୋଗୁ ଜୀବଜନ୍ତୁ ଗାଁ ମୁହାଁ ହୋଇ ଅନେକ ଧନଜୀବନ ନଷ୍ଟ ହେବା ଆଦି ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରଜନୀକାନ୍ତ ଦାଶ, କିଶୋର ସାହୁ, ଭଗବାନ ସେଠ୍, ଡୋଲାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋହିନାଲ ସମେତ ମସ୍କାଗୁଡା, ପୁଜିଗୁଡା, ମୁଣ୍ଡିଘାଟୀ, ଭୁର୍ଟି ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଗ୍ରାମବାସୀ ଯୋଗ ଦେଇଥିଲେ।

### ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ନୂଆପଡା ଅଫିସ/ଖଡ଼ିଆଳ, ୯।୧୦(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା ସାନମହେଶ୍ୱର ପଞ୍ଚାୟତରେ ପରିମଳ ଓ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ତିଆରି ହେଉଥିବା ପାଣିଟାଙ୍କି ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସାନମହେଶ୍ୱର ପଞ୍ଚାୟତର ରଜାମୁଣ୍ଡା, କୂଲିଗାଁ, ବଡମହେଶ୍ୱର ଓ ସାନମହେଶ୍ୱର ଗ୍ରାମଠାରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଓଭର ହେଡ ପାଣି ଟାଙ୍କି ନିର୍ମିତ ହେଉଥିଲା। ଏହି ପଞ୍ଚାୟତର ପାଣି ସମସ୍ୟା ଦୂର କରିବା ପାଇଁ ୪ଟି ପାଣିଟାଙ୍କି ନିର୍ମିତ ହୋଇଛି। ହେଲେ ସୋମବାର ସାନମହେଶ୍ୱର ଟାଙ୍କିରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ବେଳେ ଶୁକ୍ରବାର ରାତ୍ରିରେ ରଜାମୁଣ୍ଡା, କୂଲିଗାଁ ଓ ବଡମହେଶ୍ୱରଠାରେ ନିର୍ମାଣ ହେଉଥିବା ଟାଙ୍କିରୁ କେବୁଲ ୱେର, ଲକ୍ଷଲକ୍ଷ ଟଙ୍କାର ଷ୍ଟାଟର, କୀଟକେଟ, ପେନେଲ ବୋର୍ଡ, କୋଏଲ ଏଭଳି ଅନେକ ସାମଗ୍ରୀ ତାଲା ଭାଙ୍ଗି ନେଇ ଯାଇଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଜନସ୍ୱାସ୍ଥ୍ୟ ବିଭାଗ ଜେଇଙ୍କୁ ପଚାରିବାରୁ ଖଡିଆଳ ଥାନାରେ ଲିଖିତ ଦିଆଯାଇଛି ବୋଲି କହିଥିବାବେଳେ ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଘଟଣା ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଥିଲେ।

## ବନ ବିଭାଗ ଚଢ଼ାଉ: ଶାଗୁଆନ ପଟା, ଗଣ୍ଡି ଜବତ



ଲୋଇସିଂହା, ୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଢୋଲ ମହୁଲରେ ବନ ବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ ପଟା ଓ ଗଣ୍ଡି ଶନିବାର ଜବତ କରିଛି। ହେଲେ ଚାଲାଣକାରୀ ଖସି ଯାଇଛନ୍ତି। ଲୋଇସିଂହା-ପଦ୍ମପୁର ରାସ୍ତାର ରେଞ୍ଜ ଅଫିସ ନିକଟରେ ବିପୁଳ ପରିମାଣରେ କଠା ଥିବା ନେଇ ଡିଏଫଓ ନୀତିଶ କୁମାରଙ୍କୁ ଖବର ମିଳିଥିଲା। ଡିଏଫଓଙ୍କ ନିର୍ଦ୍ଦେଶରେ ଏସିଏଫ ବାବାଜୀ ଚରଣ ରାଉଳ ଓ ଲୋଇସିଂହା ରେଞ୍ଜ ଷ୍ଟାଫ ଢୋଲମହୁଲସ୍ଥିତ ଜଣେ ବ୍ୟକ୍ତିଙ୍କ ବାଡିପଟେ ଚଢାଉ କରି ୭୨ଖଣ୍ଡ ପଟା ଓ ୭ଟି ଗଣ୍ଡି ଜବତ କରିଛି।

## ଓଡ଼ିଶା ସିଭିଲ ସର୍ଭିସ: ୧୪୯ ର୍‍ୟାଙ୍କରେ ଲୋଇସିଂହାର ଚିତ୍ତରଞ୍ଜନ


ଚିତ୍ତରଞ୍ଜନ ମଲ୍ଲିକ।

ଲୋଇସିଂହା, ୯।୧୦(ଡି.ଏନ.ଏ)

ଓଡିଶା ଲୋକସେବା ଆୟୋଗ ପକ୍ଷରୁ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ୨୦୧୯ ଶୁକ୍ରବାର ପ୍ରକାଶ ପାଇଛି । ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ଛତାବାହାଲ ଗ୍ରାମର ଚିତ୍ତରଞ୍ଜନ ମଲ୍ଲିକ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ର୍‍ୟାଙ୍କ ରହିଛି ୧୪୯। କୁମୁଦିନୀ ମଲ୍ଲିକ ଓ ପୀତାମ୍ବର ମଲ୍ଲିକଙ୍କ ବଡପୁଅ ଚିତ୍ତରଞ୍ଜନ ବଲାଙ୍ଗୀର କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ । ଏହାପରେ ବେଲପଡା ନବୋଦୟ ବିଦ୍ୟାଳୟରେ ଯୁକ୍ତଦୁଇ ପର୍ଯ୍ୟନ୍ତ ପଢିଥିଲେ। ପରେ ରାୟଗଡାଠାରେ ଏମଆଇଟିଏସରେ ସ୍ନାତକ ସାରିଥିଲେ। ଏହାପରେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏହାପୂର୍ବରୁ ଦୁଇଥର ପରୀକ୍ଷା ଦେଇଥିଲେ ମଧ ସେ କୃତକାର୍ଯ୍ୟ ହୋଇ ପାରି ନ ଥିଲେ। ସମାଜର ସର୍ବାଙ୍ଗୀନ ବିକାଶ ମୋର ଲକ୍ଷ୍ୟ । ବିଶେଷ କରି ସମାଜର ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ତାଙ୍କ ଫୋକସରେ ରହିବ ବୋଲି କହିଛନ୍ତି ଚିତ୍ତରଞ୍ଜନ।

## ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ


ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

ଖପ୍ରାଖୋଲ, ୯।୧୦(ଡି.ଏନ.ଏ .)

### ଆଦିବାସୀ ଯୁବକଙ୍କୁ ଆକ୍ରମଣ ଘଟଣା

ଖପ୍ରାଖୋଲ ଥାନା ବେନକେରା ଗାଁର ରାଜୀବ ବରିହାଙ୍କୁ ଆକ୍ରମଣ ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବ କରିଛି ଜିଲା ଆଦିବାସୀ କଲ୍ୟାଣ ସଂଘ ଓ କୋଶଲ ଯୁବ ସମନ୍ୱୟ ସମିତି। ଶନିବାର ଉଭୟ ସଂଗଠନ ପକ୍ଷରୁ ଖପ୍ରାଖୋଲ ଥାନା ଘେରାଉ କରାଯାଇଥିଲା। ଆନ୍ଦୋଳନକାରୀମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ସ୍ଥାନୀୟ ପୁରୁଣା ପେଟ୍ରୋଲ ପମ୍ପଠାରୁ ବାହାରି ଥାନାରେ ପହଞ୍ଚିଥିଲେ । କୋଶଲ ନେତା ବନମାଳୀ ନାଏକ, ନାରୀନେତ୍ରୀ ଲକ୍ଷ୍ମୀ ଶବର, ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲା ଯୁଗ୍ମ ସମ୍ପାଦକ ଗିରିଧାରୀ ଭୋଇ, ଅଚ୍ୟୁତ ଖମାରୀ, ରାକେଶ ସୁନା, କାଶିନାଥ ମେହେର, ଜିତୁ ନାଏକଙ୍କ ସମେତ ଶତାଧିକ ଲୋକେ ସାମିଲ ହୋଇଥିଲେ । ଏହି ଅବସରରେ ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଲାଠୋର ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ସମେତ ବହୁ ପୋଲିସ୍ କର୍ମୀ ଉପସ୍ଥିତ ଥିଲେ । ଏସଡିପିଓ ଭୁକ୍ତା କହିଛନ୍ତି ଯେ, ଏହି ଘଟଣାରେ ୫ ଜଣ ଅଭିଯୁକ୍ତ ଥିବାବେଳେ ୩ ଜଣଙ୍କୁ ଶୁକ୍ରବାର କୋର୍ଟ ଚଲାଣ କରାଯାଇଛି। ଅନ୍ୟ ୨ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

## ବଜ୍ରକାପ୍ତା ଜବତ ଘଟଣା: ଜେଲଗଲେ ୩ଅଭିଯୁକ୍ତ

ଖପ୍ରାଖୋଲ, ୯।୧୦(ଡି.ଏନ.ଏ .)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅଧିନ ମହରାପଦର-ସର୍ଗିପାଲି ରାସ୍ତାରେ ଏକ ଜୀବନ୍ତ ବଜ୍ରକାପ୍ତାକୁ ବନ ବିଭାଗ ଗ୍ରାହକ ସାଜି ଅଭିଯୁକ୍ତଙ୍କଠାରୁ ଜବତ କରିଥିଲା। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ଅନ୍ୟତମ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସର୍ଗିପାଲି ଗାଁର ଭୋଜରାଜ ଦରୁଆ(୩୩), ଭୀଷ୍ମ ବରିହା(୨୮) ଓ ମହରାପଦର ଗାଁର ସୁଶୀଲ ଧରୁଆ(୩୨)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଉପରୋକ୍ତ ୩ ଯୁବକ ୮ କେଜି ୪ ଶହ ଗ୍ରାମ ଓଜନର ଏକ ବଜ୍ରକାପ୍ତାକୁ ବିକ୍ରି ପାଇଁ ଡିଲ କରୁଥିବା ଜାଣି ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତୀ ସେଠ ଗ୍ରାହକ ସାଜି ସଦଳବଳେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବଜ୍ରକାପ୍ତା ଉଦ୍ଧାର ହୋଇଥିଲା।

## ପୂଜା ପୂର୍ବରୁ କମିଟି ସଦସ୍ୟଙ୍କ ହେଲା କୋଭିଡ ଟେଷ୍ଟ

ବଲାଙ୍ଗୀର ଅଫିସ, ୯।୧୦

### ତୁଳସୀନଗର ଦୁର୍ଗାପୂଜା କମିଟି

ବଲାଙ୍ଗୀର ତୁଳସୀନଗର ଦୁର୍ଗାପୂଜା କମିଟି ଏବଂ ରିଜର୍ଭ ପୋଲିସ ପୂଜା କମିଟି ସଦସ୍ୟମାନଙ୍କ କୋଭିଡ ଟେଷ୍ଟ ଶନିବାର ତୁଳସୀନଗର ନବନିର୍ମିତ ଦୁର୍ଗା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ପାର୍ବଣ ପୂର୍ବରୁ ପୂଜା କମିଟି ସଦସ୍ୟଙ୍କ କୋଭିଡ ଟେଷ୍ଟ କରିବାକୁ ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଶନିବାର ବଲାଙ୍ଗୀର ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦୁର୍ଗାମଣ୍ଡପରେ ପହଞ୍ଚି ଉଭୟ ପୂଜା କମିଟି ସମସ୍ତ ସଦସ୍ୟଙ୍କ କୋଭିଡ ଟେଷ୍ଟ କରିଥିଲେ। ଟେକ୍‌ନିସିଆନ୍ ଅରୁଣିତା ସ୍ୱାଇଁ, ସୁଚିସ୍ମିତା ପରିଡା ଏବଂ ଗୋପେଶ୍ୱର ବାଗ ଆସି ସ୍ୱାବ୍ ସଂଗ୍ରହ କରିଥିଲେ। ଉଭୟ କମିଟିର ୪୫ ଜଣ ସଦସ୍ୟଙ୍କ କୋଭିଡ ଟେଷ୍ଟ କରାଯାଇଛି। କୋଭିଡ ସଂକ୍ରମଣରୁ ମୁକ୍ତି ପାଇଁ ଏହି ପଦକ୍ଷେପ ନିଆଯାଇଛି।

## ରୁପ୍ରା ରୋଡ୍‌ରେ ଟ୍ରେନ୍ ରହଣି ଦାବି

କେସିଙ୍ଗା/ରୁପ୍ରାରୋଡ, ୯।୧୦(ଡି.ଏନ.ଏ.)

ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ ଅନ୍ତର୍ଗତ ରୁପ୍ରାରୋଡ ଷ୍ଟେଶନ ଦେଇ ବର୍ତ୍ତମାନ ଦୁଇ ଗୋଟି ଟ୍ରେନ ତପସ୍ୱିନୀ ଓ ରାୟପୁର-ବିଶାଖାପାଟଣା ପାସେଞ୍ଜର ଚଳାଚଳ କରୁଛି । ତେବେ ରେଳ ଯାତ୍ରୀ ସୁରକ୍ଷା ସମିତି ପକ୍ଷରୁ ଅନ୍ୟ ଟ୍ରେନଗୁଡ଼ିକ ଏହି ଷ୍ଟେଶନଠାରେ ରହଣି କରିବାକୁ ଏକ ଦାବିପତ୍ର ଶନିବାର ରୁପ୍ରାରୋଡ଼ ଷ୍ଟେଶନ ମାଷ୍ଟରଙ୍କୁ ଜିଏମଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କୋଭିଡ଼ କଟକଣା ପୂର୍ବରୁ ଏହି ରେଲୱେ ଷ୍ଟେଶନରେ ସମସ୍ତ ଦ୍ରୁତଗାମୀ ଟ୍ରେନ ରହି ଆସୁଥିଲା। ଏବେ କଳାହାଣ୍ଡି ଜିଲାରେ କରୋନା ମହାମାରୀ ଏକପ୍ରକାର ଆୟତ୍ତାଧୀନ ଥିବା ବେଳେ ରୁପ୍ରାରୋଡ ଷ୍ଟେଶନଠାରେ ରାଉରକେଲା-ଜଗଦଲପୁର ଏକ୍ସପ୍ରେସ, ବିଲାସପୁର-ବିଶାଖାପାଟଣା ଲିଙ୍କ, ଧାନବାଦ-ଏଲପି ବୋକାରୋ, ନିଜାମୁଦ୍ଦିନ-ବିଶାଖାପାଟଣା ଟ୍ରେନଗୁଡିକ ରହଣି ପାଇଁ ଦାବି ହେଉଛି। ପୁନଶ୍ଚ ସୁରକ୍ଷା ସମିତି ପକ୍ଷରୁ ଆଗାମୀ ଦିନରେ ରେଳରୋକୋ ପାଇଁ ସଜବାଜ ଚାଲିଛି। ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ରେଳ ଯାତ୍ରୀ ସୁରକ୍ଷା ସମିତି ସଭାପତି ସୁବାଷ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ରାଧେଶ୍ୟାମ ଖେତାନ, ଦିନେଶ ଅଗ୍ରୱାଲ, ରତନ ଅଗ୍ରୱାଲ,ନିରଜ ଶର୍ମା, ଶ୍ୟାମସୁନ୍ଦର ଶର୍ମାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଏଥିରେ ସାମିଲ ହେବାକୁ ପ୍ରସ୍ତୁତି ଚଳାଇଛନ୍ତି। ୧୫ ଦିନ ମଧରେ ରେଳ ନ ରହିଲେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## କମ୍ପୋଜିଟ ପାଣ୍ଠି ଶିକ୍ଷକଙ୍କ ନିଜସ୍ୱ ଆକାଉଣ୍ଟରେ

### ଅଭିଭାବକ ମହଲରେ ଅସନ୍ତୋଷ

ଦେଓଗାଁ,୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କେତେକ ପ୍ରାଥମିକ ବିଦ୍ୟାଳୟରେ ଗତ ମାସରେ ଆସୁଥିବା କମ୍ପୋଜିଟ ପାଣ୍ଠି(ବିଭିନ୍ନ ଆନୁସଙ୍ଗିକ ଖର୍ଚ୍ଚ ପାଇଁ)ସ୍କୁଲ ଜମାଖାତାକୁ ଆସୁନାହିଁ। ଏହା ସମ୍ପୃକ୍ତ ବିଦ୍ୟାଳୟ ଦାୟିତ୍ୱର ରହିଥିବା ଶିକ୍ଷକଙ୍କ ନିଜସ୍ୱ ଆକାଉଣ୍ଟକୁ ଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଜନୈକ ଶିକ୍ଷକ ନିଜନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, କେତେକ ବିଦ୍ୟାଳୟରେ ଚଞ୍ଚକତା କରି ଗତ ମାସ ୨୯ ତାରିଖରେ ସ୍କୁଲକୁ ଆସୁଥିବା କମ୍ପୋଜିଟ ଫଣ୍ଡକୁ ନିଜସ୍ୱ ଜମାଖାତାକୁ ବ୍ୟାଙ୍କ ଜରିଆରେ ଆରଟିଜିଏସ ମାଧ୍ୟମରେ ପକାଯାଇଛି। ବର୍ତ୍ତମାନ ସମସ୍ତ ସ୍କୁଲ ପରିଚାଳନା କମିଟି ଭାଙ୍ଗିଯାଇଥିବାରୁ ଶିକ୍ଷକ ମନଇଚ୍ଛା ଖର୍ଚ୍ଚ ଦେଖାଇବା ସନ୍ଦେହ ରହିଛି । ନିଜସ୍ୱ ଆକାଉଣ୍ଟରେ ଟଙ୍କା ଜମା କରିବାର କୌଣସି ସରକାରୀ ନିୟମ ନାହିଁ । ଏଣୁ ଉକ୍ତ ଅଭିଯୋଗର ଯଦି ସତ୍ୟତା ରହିଛି ତାହେଲେ ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉ ବୋଲି ଅଭିଭାବକ ମହଲରେ ଦାବି ହୋଇଛି। ଏ ନେଇ ଦେଓଗାଁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ମୋ ପାଖରେ ଏନେଇ କୌଣସି ସୂଚନା ନାହିଁ। ଯଦି ଏପରି ହୋଇଥାଏ ତାହା ନିଶ୍ଚିତଭାବେ ଭୁଲ। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଗୋଣ୍ଡୱାନା ଗୋଣ୍ଡ ମହାସଭାର ନୂଆଁଖାଇ ଭେଟ

ଦେଓଗାଁ,୯।୧୦ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଖଲିଆପାଲିରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ସିଂହାମୁଣ୍ଡା ସର୍କଲର ନୂଆଁଖାଇ ଭେଟ ଅନୁଷ୍ଠିତ ହୋଇଯାଇଛି। ସୁଦାମ ବିଶିଙ୍କ ପରିଚାଳନା, ଈଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା କମିଟି ସଦସ୍ୟ କାମରାଜ ଭୋଇ, ମହେନ୍ଦ୍ର ମଲ୍ଲିକ, ଦାଶରଥି ଭୋଇ, ରଞ୍ଜିତା ଧରୁଆ, ଚନ୍ଦ୍ର ଶେଖର କୁଅଁର, ନରେନ୍ଦ୍ର ପୁଟା, ଦେବେନ୍ଦ୍ର ପୁଟା, ଦେଓଗାଁ ବ୍ଲକ ସଭାପତି ସୁରଥ ଧରୁଆ, ସମ୍ପାଦକ ପୁରନ୍ଦର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନକୁ ମଜବୁତ କରିବା ସହ ସମାଜର ସାମଗ୍ରିକ ବିକାଶ ଦିଗରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରିଥିଲେ।


ଭେଟ୍‌ଘାଟ ଅବସରରେ କୁନି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରାସ୍ତା ଅବରୋଧ ପ୍ରତିବାଦରେ ଧାରଣା

ବଲାଙ୍ଗୀର ଅଫିସ, ୯।୧୦


ଜିଲାପାଳଙ୍କ ଆବାସ ସମ୍ମୁଖରେ କୁହିମଣ୍ଡା ଗ୍ରାମବାସୀ ଧାରଣା ଦେଇଛନ୍ତି।

■ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବସିଲେ
■ସ୍ଥାୟୀ ରାସ୍ତା ତିଆରି ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ଗ୍ରାମକୁ ରାସ୍ତା ନାହିଁ। ଏହି ଗାଁକୁ ଏକ ପାଦଚଲା ବାଟ ରହିଥିଲା। କିଛିଦିନ ପୂର୍ବରୁ କେତେକ ଲୋକ ଉକ୍ତ ପାଦଚଲା ବାଟକୁ ଅବରୋଧ କରି ବାଡ ଘେରାଇବାରୁ ଏହି ଗ୍ରାମବାସୀ ଆଉ ଗାଁରୁ ବାହାରି ପାରି ନ ଥିଲେ। ଏହାର ପ୍ରତିବାଦରେ ଏହି ଗ୍ରାମର ବହୁଲୋକେ ଶନିବାର ଜିଲାପାଳଙ୍କ ଆବାସ ସମ୍ମୁଖରେ ଗଣଧାରଣା ଦେଇଥିଲେ। ବାରମ୍ବାର ପ୍ରଶାସନ, ନେତାମନ୍ତ୍ରୀଙ୍କୁ ଗୁହାରି ଜଣାଇଲେ ମଧ କେହି କିଛି ଶୁଣୁ ନ ଥିବାରୁ ସେମାନେ ବର୍ଷ ବର୍ଷ ଧରି କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କହିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରୁ ଗ୍ରାମବାସୀ ଜିଲାପାଳଙ୍କ ଆବାସ ସମ୍ମୁଖ ଖରାରେ ବସି ରହିଥିଲେ। ରାସ୍ତା ତିଆରି ସମ୍ପର୍କରେ ଠୋସ୍ ପଦକ୍ଷେପ ନନେଲେ ସେମାନେ ଫେରିବେ ନାହିଁ ବୋଲି କହିଥିଲେ। ଏହି ଗାଁରେ ୫ଶହ ବର୍ଷ ହେଲା ଲୋକେ ବସବାସ କରୁଛନ୍ତି। ଏଠାରେ ଏକ ପ୍ରସିଦ୍ଧ ଶିବ ମନ୍ଦିର ରହିଛି। ଏହି ଗାଁର ଅନେକ ଚାଷୀ ଭଲ ଚାଷ କରି ପୁରସ୍କୃତ ହୋଇଛନ୍ତି। ମାତ୍ର ଏହି ଗାଁକୁ ରାସ୍ତା ନାହିଁ। ଗାଁକୁ ଚାରିଚକିଆ ଯାନ ଯାଇପାରୁ ନାହିଁ। କେତେକ ଲୋକ ଉକ୍ତ ଚଲାରାସ୍ତାକୁ ଘେରାବନ୍ଦୀ କରିବାରୁ ଏହି ଗ୍ରାମବାସୀ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛନ୍ତି। ଜିଲାପାଳ ଚଞ୍ଚଳ ରାଣା ଅନୁପସ୍ଥିତ ଥିଲେ। ଏହାପରେ ଆସିଷ୍ଟାଣ୍ଟ କଲେକ୍ଟର ଗୁରେଶ୍ୱର ଭୋଇ ଧାରଣାସ୍ଥଳକୁ ଆସି ସେମାନଙ୍କୁ ବୁଝାସୁଝା କରିଥିଲେ। ପରେ ଦେଓଗାଁ ଥାନା ଅଧିକାରୀ ଓ ତହସିଲଦାର ଗାଁକୁ ଯାଇ ରାସ୍ତାରୁ ଘେରାବନ୍ଦୀ ହଟାଇଥିଲେ। ଏଥିସହିତ ଖୁବ୍‌ଶୀଘ୍ର ରାସ୍ତା ତିଆରିର ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲ।

## ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ଗାଇସୀମାରେ ଅଣଜଳସେଚିତ ଚାଷଜମିକୁ ପାଣି ପହଞ୍ଚାଇବା ପାଇଁ ଶୁକ୍ରବାର ୨ଟି ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୫୦ଏକରରୁ ଅଧିକ ଚାଷଜମିକୁ ପାଣି ମାଡ଼ି ପାରିବ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ। ଯୁବନେତା ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଏବଂ ଅଞ୍ଚଳର ଚାଷୀବୃନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଙ୍ଗଲ ସୁରକ୍ଷା ପାଇଁ ସବୁଜ ସାଥୀ

ପଦ୍ମପୁର ୯।୧୦(ଡି.ଏନ.ଏ): ରାଜବୋଡାସମ୍ବର ବ୍ଲକ ବରିହାପାଲି ଗ୍ରାମପଞ୍ଚାୟତ ପତ୍ରାପାଲି ଗ୍ରାମର ଯୁବକମାନଙ୍କୁ ନେଇ ଶନିବାର ଅଧାପକ ବିକାଶ ପଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଯୋଗଦେଇ ବୃକ୍ଷରୋପଣ, ସଂରକ୍ଷଣ, ସାମାଜିକ ବନୀକରଣ, ଜଙ୍ଗଲ ସୁରକ୍ଷା, ସବୁଜ ଗୃହର ପ୍ରଭାବ, ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ 'ପତ୍ରାପାଲି ସବୁଜ ସାଥୀ' ଗଠନ କରାଯାଇଥିଲା। ପଞ୍ଚମ ପଧାନ ସବୁଜ ସାଥୀ ମୁଖ୍ୟ ଭାବେ ଚୟନ ହୋଇଥିଲେ। ଏହି କମିଟିରେ ୧୩ଜଣ ରହିଛନ୍ତି। ବନ ସୁରକ୍ଷା ସମିତି ସଭାପତି ଠାକୁର ପଧାନ, ବରିହାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ପଧାନ ସବୁଜ ସାଥୀଙ୍କୁ ଉତ୍ସାହିତ କରିଥିଲେ।

### ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



ବରଗଡ଼ ଅଫିସ୍,୯।୧୦: ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକରେ କୋଭିଡ୍ କଟକଣା ମଧ୍ୟରେ ଶାରଦୀୟ ନବରାତ୍ର ପୂଜା ପାଳନ କରାଯାଉଛି। ଏହି ଅବସରରେ ଶନିବାର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମେଲଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଆୟୁ, ଯଶ, ବଳ, ସ୍ୱାସ୍ଥ୍ୟ ବୃଦ୍ଧି ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ସମେତ ସହରର ଅନ୍ୟ ଶକ୍ତିପୀଠ ଗୁଡ଼ିକରେ ଭକ୍ତମାନେ ଧାଡ଼ିବାନ୍ଧି ଦେବୀଙ୍କୁ ଏହି ବେଶରେ ଦର୍ଶନ କରିଥିଲେ ।

### ଝାରବନ୍ଧରେ ଆମ ପୋଲିସ କାର୍ଯ୍ୟକ୍ରମ

ଝାରବନ୍ଧ,୯।୧୦(ଡି.ଏନ.ଏ): ବରଗଡ଼ ଜିଲା ଝାରବନ୍ଧ ଥାନା ପରିସରରେ ଶନିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ଅନୀଲ କୁମାର ପ୍ରଧାନ ଯୋଗ ଦେଇଥିଲେ। ଝାରବନ୍ଧ ମୁଖ୍ୟଛକର ଟ୍ରାଫିକ ସମସ୍ୟା, ନିଶା ନିବାରଣ, ଚାନ୍ଦିନୀ ଛକରେ ସିସିଟିଭି ସଂଲଗ୍ନ, ଛତିଶଗଡ଼ ସୀମାନ୍ତ ଡଭାରେ ପୋଲିସ ଆଉଟପୋଷ୍ଟ ସ୍ଥାପନ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅଶୋକ କୁମାର ସାହୁ, ଜୟକୁମାର ସାହୁ, ଅଇଁଠା ପ୍ରଧାନ, କୁମାର ଗୌରବ ବେହେରା, ଡୁଲାରାମ ଭୋଇ, ଧ୍ରୁବଚରଣ ହାତୀ ପ୍ରମୁଖ ଯୋଗ ଦେଇଥିଲେ।

### ଓଏଏସ୍ ପରୀକ୍ଷାରେ ୪୪ତମ ସ୍ଥାନରେ ସମରଜିତ



ପାଇକମାଳ,୯।୧୦(ଡି.ଏନ.ଏ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସମରଜିତ ତ୍ରିପାଠୀ ୪୪ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ସେ ପାଇକମାଳ ନବୋଦୟ ବିଦ୍ୟାଳୟର ଅଧକ୍ଷ ସରୋଜ ତ୍ରିପାଠୀଙ୍କ ଜ୍ୟେଷ୍ଠ ପୁଅ। ୨୦୧୧ରେ ସମରଜିତ କୋରାପୁଟ ନବୋଦୟ ବିଦ୍ୟାଳୟରୁ ଦଶମ ଶ୍ରେଣୀ ପରୀକ୍ଷାରେ ପିଓ ସିଜିପିଏ ସହ ୯୫ ପ୍ରତିଶତ ଅଙ୍କ ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିଲେ। ୨୦୧୩ରେ ସେ ବ୍ରହ୍ମପୁର ସ୍ଥିତ ସେଣ୍ଟ ଜାଭିୟର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରୁ ୮୮% ଅଙ୍କ ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନରେ ଥିଲେ। ୨୦୧୬ରେ ସମରଜିତ ଭୁବନେଶ୍ୱରରେ ଇଞ୍ଜିନିୟରିଂ କରି ସିଜିପିଏ ସହ ବିଭାଗୀୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ନିଜ ବିଭାଗର କାର୍ଯ୍ୟାବଳୀକୁ ସ୍ୱଚ୍ଛ କରିବା ପାଇଁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି ।







ଉଦ୍‌ଘାଟନୀ ଉତ୍ସବରେ ବାମରୁ ବିଚାରପତି ଚିତ୍ତରଞ୍ଜନ ଦାଶ, ମୁଖ୍ୟ ବିଚାରପତି ଡ. ଏସ ମୁରଲିଧର, ବିଚାରପତି ଶତ୍ରୁଘ୍ନ ପୂଜାହାରୀ, ବିଚାରପତି ସାବିତ୍ରୀ ରଥୋ ଓ ଜିଲା ଜଜ୍ ଅରୁଣ କୁମାର ମଲ୍ଲିକ(ବାମ)। ଉଦ୍‌ଘାଟିତ ହୋଇଥିବା ନୂତନ ଜିଲା ନ୍ୟାୟାଳୟ କୋଠା।

# ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର ଜିଲା ନ୍ୟାୟାଳୟ କମ୍ପ୍ଲେକ୍ସ ଉଦ୍‌ଘାଟିତ**

ସୋନପୁର,୯।୧୦(ନି.ପ୍ର.)

ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଏସ ମୁରଲିଧର ଶନିବାର ସୁବର୍ଣ୍ଣପୁର ଜିଲା ନ୍ୟାୟାଳୟ କମ୍ପଲେକ୍ସକୁ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟ ବିଚାରପତି ତାଙ୍କ ବକ୍ତବ୍ୟରେ ସାଢେ ୭ ବର୍ଷ ପୂର୍ବରୁ ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଖୁସିବ୍ୟକ୍ତ କରିଥିଲେ। ୨୪କୋଟି ଟଙ୍କା ବ୍ୟୟରେ କଚେରି ଛକରେ ନିର୍ମିତ ଏହି ୪ ମହଲା କୋଠାରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହାଦ୍ୱାରା ଜନସାଧାରଣ ଓ ଆଇନଜୀବୀ ବିଶେଷ ସୁବିଧା ପାଇପାରିବେ। କୋଭିଡ୍ ପାଇଁ ବହୁ ମାମଲା ବିଚାର ନ ହୋଇ ପଡିରହିଛି। ତେଣୁ ମାମଲାର ତ୍ୱରିତ ବିଚାର ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉପରେ ମୁଖ୍ୟ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ମହାନଦୀ ଓ ତେଲନଦୀ କୂଳରେ ଅବସ୍ଥିତ ମନ୍ଦିରମାଳିନୀ ସୁବର୍ଣ୍ଣପୁରକୁ ଦ୍ୱିତୀୟ ବାରଣାସୀ ଭାବେ ତୁଳନା କରିବା ସହ ସନ୍ଥ କବି ଭୀମ ଭୋଇଙ୍କ ପାଇଁ ଏହି ଜିଲା ଗର୍ବିତ ବୋଲି ମୁଖ୍ୟ ଅତିଥି କହିଥିଲେ।

ଉଚ୍ଚ ନ୍ୟାୟଳୟର ବିଚାରପତି ଚିତ୍ତରଞ୍ଜନ ଦାଶ, ଶତ୍ରୁଘ୍ନ ପୂଜାହାରୀ ଓ ସାବିତ୍ରୀ ରଥୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଜଜ୍ ଅରୁଣ କୁମାର ମଲ୍ଲିକ ମଞ୍ଚାସିନ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସୀତାରାମ ଶତପଥୀ ଓ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘ ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାରେ ଭିଜିଲାନ୍ସ କୋର୍ଟ ଓ ମୋଡେଲ କୋର୍ଟ ପ୍ରତିଷ୍ଠା ସହ ଫ୍ୟାମିଲି ଜଜ୍ ନିଯୁକ୍ତି ପାଇଁ ପାଣିଗ୍ରାହୀ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିଲେ। ସିଜେଏମ୍ ସତ୍ୟବ୍ରତ ମିଶ୍ର, ସିନିୟର ସଭିଲ ଜଜ ଶ୍ରଦ୍ଧାଞ୍ଜଳୀ ରାୟ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସସ୍ମିତା ମିଶ୍ର, ଏସଡିଜେଏମ୍ ସୁନିତା ରାଉତ, ମୋନାଲିସା ପଟ୍ଟନାୟକ, ସଙ୍ଘମିତ୍ରା ବିଶ୍ୱାଳ, ଅନୁପମା ଦାଶ, ଜଗଦୀଶ ଚନ୍ଦ୍ର ଜେନା, ସରିତା ପଣ୍ଡା, ଅନୁରାଧା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବୀରମହାରାଜପୁର, ରାମପୁର, ବିନିକା, ଡୁଙ୍ଗୁରିପାଲି ଓ ତରଭା ଓକିଲ ସଂଘର କର୍ମକର୍ତ୍ତା ଉତ୍ସବରେ ଯୋଗଦାନ କରିଥିଲେ।

## ମୁରମୁରୀ ଯୋର ବ୍ରିଜ୍‌ରେ ବାଡା ଦେବାକୁ ଦାବି

**ଗଲା ୩ମାସରେ ବ୍ରିଜତଳକୁ ଖସି ଗଲାଣି ୨ଜୀବନ**

ବିନିକା, ୯।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂଘିଯୁବା ପଞ୍ଚାୟତ ଅଧୀନ ଖଇରମାଳ ଗ୍ରାମରେ ଥିବା ମୁରମୁରୀ ଯୋର ବ୍ରିଜ ଉପରେ ଖଇରମାଲ ସହ ବାବୁପାଲି ପଞ୍ଚାୟତ ଓ ପଡୋଶୀ ବରଗଡ ଜିଲା ଭେଡେନ ବ୍ଲକର ଲୋକେ ନିର୍ଭର କରନ୍ତି। ହେଲେ ଏହି ବ୍ରିଜ ଏବେ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ଗତ ୩ମାସ ମଧ୍ୟରେ ଏହି ବ୍ରିଜରେ ଯାଇଛି ୨ଜଣଙ୍କ ଜୀବନ। ଦୈନିକ ଏଠାରେ ଲୋକେ ପଡି ଗୁରୁତର ହେଉଛନ୍ତି। ୩ ମାସ ତଳେ ଖଇରମାଳର ଶତ୍ରୁଘନ ଖୁଟଲାଙ୍କର ଏହି ଅଣ ଓସାରିଆ ବ୍ରିଜରୁ ଖସିପଡି ମୃତ୍ୟୁ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ତାଲମୁଣ୍ଡାର କରୁଣା ଭୋଇ ବାଇକ ସହ ବ୍ରିଜ ତଳକୁ ଖସି ପଡିବାରେ ମୃତ୍ୟୁ ଘଟିଛି। ତୁରନ୍ତ ଏହି ଅଣଓସାରିଆ ବ୍ରିଜର ଉଭୟ ପାର୍ଶ୍ୱରେ ବାଡା ଦେବା ସହ ବ୍ରିଜ ଉପରକୁ ଆଚ୍ଛାଦିତ ହେଉଥିବା ଗଛଡାଳ କାଟି ଯାତାୟା ସୁଗମ କରିବାକୁ ଖଇରମାଳ ରବି ପଧାନ, ଅଶୋକ ବଗର୍ତୀ, ବୁଠି ବଗର୍ତ୍ତୀ, ସନ୍ତୋଷ ପାତ୍ର, ବିକ୍ରମ ଭୂଏ, ନାରାୟଣ ଭୂଏ, ଫକୀରମୋହନ ଛତର ନରେନ ପାତ୍ର, ଗଜପତି ପାତ୍ର ଦାବି କରିଛନ୍ତି।

## ସଂସ୍କାର ସ୍କୁଲରେ ସ୍ୱାଗତ ସମାରୋହ

ବରଗଡ଼ ଅଫିସ୍,୯।୧୦

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶୁକ୍ରବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ସାୱାଡ଼ିଆ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ବବିତା ସାୱାଡ଼ିଆ, ମମତା ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲକୁ ପ୍ରବେଶ କରିଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଡ଼ ସହିତ ସମ୍ମାନିତ କରାଯାଇଥିଲା।

ସେହିପରି ସ୍କୁଲରେ ଇନଭେଷ୍ଟିଚର ସେରିମନି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍କୁଲର ପ୍ରତିଷ୍ଠାତ୍ରୀ ସାୱାଡ଼ିଆ ଏବଂ ଚେୟାରମ୍ୟାନ ସାୱାଡ଼ିଆ ଯଥାକ୍ରମେ ହେଡ୍‌ଗାର୍ଲ ହର୍ଷା ଅଗ୍ରୱାଲ ଏବଂ ହେଡ୍‌ବୟ ମିଳିନ୍ଦ ଅଗ୍ରୱାଲଙ୍କୁ ସମ୍ମାନିତ କରିଥିଲେ। ନିର୍ଦ୍ଦେଶକ ପଟ୍ଟନାୟକ ହଷ୍ଟେଲ ହେଡ୍‌ବୟ ପ୍ରିୟାଂଶୁ ଯାଦବ, ପ୍ରିନ୍ସିପାଲ ହଷ୍ଟେଲ ହେଡ୍‌ବୟ ରିଷି କୁମାର ସାହୁଙ୍କୁ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥି ବବିତା ସାୱାଡ଼ିଆ ହଷ୍ଟେଲ ହେଡ୍‌ଗାର୍ଲ ଦୀପା ମାଝି, ଅତିଥି ମମତା ଅଗ୍ରୱାଲ ହଷ୍ଟେଲ ହେଡଗାର୍ଲ ପୁନମ ଅଗ୍ରୱାଲ ଏବଂ କଲଚରାଲ ହେଡ଼ଗାର୍ଲ ସୃଷ୍ଟି ଅଗ୍ରୱାଲଙ୍କୁ ସମ୍ମାନିତ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସ୍ୱାଗତ ସମାରୋହ ଉଦ୍‌ଘାଟନ କରାଯାଉଛି।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁଚାଷ ତାଲିମ

ବାଉଁଶୁଣୀ,୯।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ଅନ୍ତର୍ଗତ ବାହିରା ପଞ୍ଚାୟତର ସଦେଇପୂରଠାରେ ଏସବିଆଇଆର୍ ସିଟି ତରଫରୁ ଏକ ଦଶଦିନିଆ ଛତୁ ଚାଷ ତାଲିମ ଶିବିର ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ୩୪ ଜଣ ମହିଳାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ବିଚିତ୍ର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବରେ ନୟାଗଡ଼ ଜିଲାର ପ୍ରସନ୍ନ କୁମାର ନାୟକ ଯୋଗ ଦେଇଥିଲେ। ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ଛତୁ ଚାଷ କରିବାର କୌଶଳ ଶିକ୍ଷା ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ଚରଦାସ୍ଥିତ ଅବିନାଶ ମହାଲିକଙ୍କ ଛତୁ ଫାର୍ମକୁ ଯାଇ ଛତୁ ଚାଷ ବିଷୟରେ ବୁଝିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ କାନନ ଖମାରୀ ତାଲିମ ଶିବିର ପରିଚାଳନା କରିଥିଲେ।



ଛତୁ ଚାଷ ସମ୍ପର୍କରେ ତାଲିମ ନେଉଛନ୍ତି।

## ଜାତୀୟ ବିଜ୍ଞାନ ସେମିନାରକୁ ମନୋନୀତ



ବରଗଡ଼ ଅଫିସ୍,୯।୧୦

ବରଗଡ଼ ଜିଲା ଅତାବିରା ବ୍ଲକ ଲସ୍ତଲା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜା ମେହେର ଜାତୀୟ ବିଜ୍ଞାନ ସେମିନାରକୁ ମନୋନୀତ ହୋଇଛନ୍ତି। ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବିଷୟ ସେମିନାରରେ ଭାଗ ନେଇ ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଜାତୀୟ ବିଜ୍ଞାନ ସେମିନାରରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଗାଇଡ୍ ଶିକ୍ଷକ ବୈଲୋଚନ ପ୍ରଧାନ କହିଛନ୍ତି।

## ଭୁଶୁଡି ପଡିଥିବା ଆଡିବନ୍ଧ ସ୍ଥଳ ପରିଦର୍ଶନ କଲେ ଯନ୍ତ୍ରୀ

**ଧରିତ୍ରୀ ପ୍ରଭାବ**

ବିନିକା,୯.୧୦(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଫୁଲମୁଠୀ ଚୌକୀଯୋର ୧ନଂ ଆଡିବନ୍ଧ ଭୁଶୁଡି ପଡିଛି। ଦୀର୍ଘଦିନ ଧରି ଭୁଶୁଡି ପଡିବା ସତ୍ତ୍ୱେ ଏହାର ମରାମତି କରାଯାଉନାହିଁ। ଏ ଧରିତ୍ରୀରେ ଗତ ଗୁରୁବାର ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିନିକା କ୍ଷୁଦ୍ର ଜଳସେଚନ ବିଭାଗୀୟ ଯନ୍ତ୍ରୀ ଶ୍ରୀମାନ ପରିଡା ଭୁଶୁଡି ପଡିଥିବା ଫୁଲମୁଠୀ ୧ନଂ ଚେକଡ୍ୟାମସ୍ଥଳ ବୁଲି ଦେଖିଥିଲେ। ଯନ୍ତ୍ରୀଙ୍କ ଗସ୍ତବେଳେ ସ୍ଥାନୀୟ ଚାଷୀ ପ୍ରମୋଦ ପଣ୍ଡା ଓ ଅନ୍ୟଚାଷୀମାନେ ଉପସ୍ଥିତ ଥିଲେ।




ବଜରଙ୍ଗ ଦଳ କର୍ମୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

## ବରଗଡ଼ରେ କଶ୍ମୀର ତାତି, ବଜରଙ୍ଗ ଦଳର ବିରୋଧ ପ୍ରଦର୍ଶନ

ବରଗଡ଼ ଅଫିସ୍,୯।୧୦

କଶ୍ମୀରରେ ଜିହାଦୀ ଆତଙ୍କବାଦୀଙ୍କ ଦ୍ୱାରା ହିନ୍ଦୁଙ୍କୁ ହତ୍ୟା ଘଟଣାକୁ ବଜରଙ୍ଗ ଦଳ ନିନ୍ଦା କରିଛି। ଏହି କ୍ରମରେ ଶନିବାର ବରଗଡ଼ ଗାନ୍ଧୀ ଛକରେ ବଜରଙ୍ଗ ଦଳ କର୍ମୀମାନେ ବିରୋଧ ପ୍ରଦର୍ଶନ କରିବା ସହିତ ପାକିସ୍ଥାନର ପତାକା ପୋଡ଼ିଥିଲେ। ବଜରଙ୍ଗ ଦଳର ପ୍ରାନ୍ତ ସହ ସଂଯୋଜକ କିଶୋର ବିଭାର, ଜିଲା ସଂଯୋଜକ ରାଜେଶ ବନଛୋର, ଜିଲା ସହ ସଂଯୋଜକ ସଞ୍ଜୀବ ମେହେର, ସଦର ସଂଯୋଜକ ପ୍ରଶାନ୍ତ ପଟ୍ଟନାୟକ, ନଗର ସଂଯୋଜକ ରାଜା ପ୍ରଧାନ, ନଗର ସହ ସଂଯୋଜକ ପିଙ୍କୁ ମେହେର, ଶ୍ରୀଚରଣ ଦେହେରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ୨୫ ନାଭାଲ କ୍ୟାଡେଟ୍‌ଙ୍କୁ ପ୍ରମାଣପତ୍ର ବଣ୍ଟନ

ଅତାବିରା,୯।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକର ଲରମ୍ବା କଲେଜରେ ୨୫ଜଣ ନାଭାଲ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଶନିବାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ଅମୃତା ସାମନ୍ତ, ସିଟିଓ ସରୋଜ କୁମାର ନାୟକ, ଅଫିସର ଇନ୍ ଚିଫ୍ ବିନୟ କୁମାର ନାୟକ, ଅଶୋକ କୁମାର ମହାନ୍ତି, ପବିତ୍ର କୁମାର ମାହାଣା, ପ୍ରାଧ୍ୟାପିକା ଜୟକୁମାରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କ୍ୟାଡେଟ୍ ସ୍ୱାଗତ ସୁମନ ଦେବତା, କୁନ୍ତୀ କୁଣ୍ଡୁ କ୍ୟାମ୍ପ ସମୟର ଅନୁଭୂତି ବଖାଣିଥିଲେ। ଅଧ୍ୟାପକ ମନୋରଞ୍ଜନ ତ୍ରିପାଠୀ, ପ୍ରଦୀପ କୁମାର ପଣ୍ଡା, ଗୁରୁଦେବ କୁଶଲ, ଅବିନାଶ ସାହୁ ଉପସ୍ଥିତ ରହି ଦେଶ ସୁରକ୍ଷାରେ ନୌସେନାର ଭୂମିକା ଉପରେ କ୍ୟାଡ଼େଟ୍ ମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଗୋପାଳ ଚନ୍ଦ୍ର ନାୟକ, ଲିଙ୍ଗରାଜ ପୋଢ଼, ତାରାଚାନ୍ଦ କଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଡଃ ଅଜିତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।



ଲରମ୍ବା କଲେଜରେ ନାଭାଲ କ୍ୟାଡେଟ୍‌ଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଉଛି ।

## କମ୍ପାନୀଙ୍କ ଦଲାଲ ସାଜିଛି କେନ୍ଦ୍ର

ବରଗଡ଼ ଅଫିସ୍,୯।୧୦

ବରଗଡ଼ ଜିଲା ଭେଡ଼େନ ବ୍ଲକ ସାଲେପାଲିରେ ଶନିବାର ଜୟ କିଶାନ ଆନ୍ଦୋଳନର ଏକ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। କେନ୍ଦ୍ର କମ୍ପାନୀମାନଙ୍କ ଦଲାଲ ସାଜି ୩ କଳା କୃଷି ଆଇନ ଆଗତ କରିଥିଲେ ଏବଂ ଏଥିପାଇଁ ଆଜି ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି ବୋଲି ସେ କହିଥିଲେ। ସରକାର ମଣ୍ଡିର ଘରୋଇକରଣ କରି ଚାଷୀଙ୍କୁ ଲୁଟିବାର ଯେଭଳି ଅପପ୍ରୟାସ କରୁଛନ୍ତି, ତାହା ଚାଷୀମାନେ ଭଲ ଭାବେ ବୁଝି ସାରିଲେଣି ବୋଲି ମହାନ୍ତି ପ୍ରକାଶ କରିଥିଲେ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଥିଲେ, କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ପୂର୍ବରୁ ରାଜ୍ୟର ନବୀନ ସରକାର ଆଗତୁରା ୨ଟି ଅଧ୍ୟାଦେଶ ଆଣିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ବିରୋଧୀ ବୋଲି ଲିଙ୍ଗରାଜ କହିଥିଲେ। ଆଗାମୀ ଦିନରେ କେନ୍ଦ୍ର, ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ପ୍ରତିବାଦରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲ ସେ ସୂଚନା ଦେଇଥିଲେ। ଏହି ଅବସରରେ ଭେଡ଼େନ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ଏଥିରେ ମହେଶ୍ୱର ପ୍ରଧାନ ସଭାପତି, ସରୋଜ ବାରିକ ସମ୍ପାଦକ ମନୋନୀତ ହୋଇଥିଲେ। ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ସମ୍ବଲପୁରର ଦେବେନ୍ଦ୍ର ପ୍ରଧାନ, ଦିଲ୍ଲୀର ରୋଶନ କୁମାର, ସୁଶୀଲ କୁମାର ସାହୁ, ହର ବଣିଆଁ, ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର ପ୍ରମୁଖ ନିଜ ମତ ରଖିଥିଲେ। ସମ୍ମିଳନୀରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**ଚାଷୀ ସମ୍ମିଳନୀରେ ମତ**




ସମ୍ମିଳନୀରେ ଉପସ୍ଥିତ ଚାଷୀନେତାବୃନ୍ଦ।

## କୃଷକ ସଂଗଠନ ବୈଠକ

ବିନିକା,୯।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରସ୍ଥିତ ପର୍ଯ୍ୟଟନସ୍ଥଳୀ ପାପକ୍ଷୟଠାରେ କୃଷକ ସଂଗଠନର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଅଜିତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷକ ସଂଗଠନ ଉପଦେଷ୍ଟା ପ୍ରମୋଦ ପଣ୍ଡା ଯୋଗଦେଇ ଜିଲାରେ ଥିବା ଅଗଣିତ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କୃଷକ ସଂଗଠନକୁ ତୃଣମୂଳସ୍ତରରୁ ମଜବୁତ କରିବା ପାଇଁ ବିନିକା ଏନ୍‌ଏସି ଓ ବ୍ଲକର ପ୍ରତି ପଞ୍ଚାୟତ ମୁଖ୍ୟାଳୟମାନଙ୍କରେ ଜଣେ ଲେଖାଏ କୃଷକ ସଂଘ ଗଠନ କରାଯାଇଥିଲା। ସାଧାରଣ ସମ୍ପାଦକ ଆଶିଷ ମଲ୍ଲିକ, ଆବାହକ ଦେବାଶିଷ ଦାଶ, ଉପସଭାପତି ପ୍ରକାଶ ପଣ୍ଡା ଓ ଜୟ ନାରାୟଣ ନାୟକ, କୋଷାଧକ୍ଷ ବାଳଗୋପାଳ ପଣ୍ଡାଙ୍କ ସହ ଅନ୍ୟ ମଣ୍ଡଳୀ ସଂଘର ସମ୍ପାଦକ ସଦାଶିବ ପଣ୍ଡା,ରଘୁନାଥ ପଣ୍ଡା, ଅରୁଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।